## ସଂକ୍ଷେପରେ

### ଫାର୍ମାସ୍ୟୁଟିକାଲ ୟୁନିୟନ ସାଧାରଣ ବୈଠକ
## ଜାନୁୟାରୀ ୮ ଦେଶ ବ୍ୟାପୀ ଧର୍ମଘଟକୁ ସମର୍ଥନ

**ବ୍ରହ୍ମପୁର ଅଫିସ,୩୧।୧୨:** ବ୍ରହ୍ମପୁର ଫାର୍ମାସ୍ୟୁଟିକାଲ ୱାର୍କର୍ସ ୟୁନିୟନର ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଲଗାମଛଡ଼ା ଦରବୃଦ୍ଧି ରୋକିବାରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସମାଲୋଚନା କରାଯାଇଥିଲା । ପ୍ରଚଳିତ ଶ୍ରମ ଆଇନ କଡାକଡ଼ି ଭାବେ କାର୍ଯ୍ୟକାରୀ ଏବଂ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ହୋଇଥିବା ବୈଠକରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ମାସିକ ୧୮ ହଜାର ଟଙ୍କା ଧାର୍ଯ୍ୟ ପାଇଁ ଦାବି ହୋଇଛି । ଏହା ସହିତ ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୩ ହଜାର ଟଙ୍କା ପେନସନ ଆଇନ ପ୍ରଚଳନ କରାଯିବାକୁ ଗୁରୁତ୍ୱାରୋପ କରାଯାଇଛି ।

ସଂଘ ସଭାପତି ବାମପନ୍ଥୀ ନେତା ବସନ୍ତ ନନ୍ଦ ଅଧକ୍ଷତା କରିଥିଲେ ଏବଂ ସମ୍ପାଦକ କେ. ମୋହନ ୧୨ ଦଫା ଦାବି ଉପସ୍ଥାପନ କରିଥିଲେ । ତନ୍ମଧ୍ୟରେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ, ଠିକାରେ ଶ୍ରମିକ ନିଯୁକ୍ତି ପ୍ରଥା ସରକାର ପ୍ରତ୍ୟାହାର କରାଯିବା, ଆବଶ୍ୟକସ୍ଥଳେ ସ୍ଥାୟୀ ନିଯୁକ୍ତି ଦିଆଯିବା ଏବଂ ସମାନ କାମ ପାଇଁ ସମାନ ମଜୁରି ଆଦି ଅନ୍ତର୍ଭୁକ୍ତ। ଅପରପକ୍ଷରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସର୍ବଭାରତୀୟ ଫେଡେରେଶନ ସମୂହର ଡ଼ାକରା ଜାନୁୟାରୀ ୮ ଓ ୯ ତାରିଖ ଦେଶବ୍ୟାପୀ ଦୁଇଦିନିଆ ହରତାଳ ବା ଧର୍ମଘଟରେ ଫାର୍ମାସ୍ୟୁଟିକାଲ ୟୁନିୟନ ସାମିଲ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଆଲୋଚନାରେ ସନ୍ତୋଷ ସାହୁ, ତୋଫାନ ମହାନ୍ତି ଓ ଏସ୍‌ଏନ୍ ପାତ୍ର ପ୍ରମୁଖ ନେତାମାନେ ଭାଗ ନେଇଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୩୧।୧୨:** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟକିରାଣି ରାମଚନ୍ଦ୍ର ବେହେରା ଅବସର ଗ୍ରହଣ କରିଛନ୍ତି। ସୋମବାର ମହାବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ ତରଫରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀ ସଭାପତିତ୍ୱ କରିଥିଲେ । ରାମଚନ୍ଦ୍ରଙ୍କ କାର୍ଯ୍ୟକଳାପ ଏବଂ କର୍ତ୍ତବ୍ୟନିଷ୍ଠାକୁ ମନେ ପକାଇବା ସହ ତାଙ୍କ ଭବିଷ୍ୟତ ଜୀବନର ସୁଖ ଓ ସୁସ୍ଥ ଜୀବନ କାମନା କରିଥିଲେ । ତାଙ୍କ ସହକର୍ମୀମାନେ ମଧ୍ୟ ରାମଚନ୍ଦ୍ରଙ୍କ ବୃତ୍ତିଗତ ଜୀବନ ସମ୍ପର୍କରେ ମନେ ପକାଇଥିଲେ । ସଭାକୁ ସଂଘ ସଭାପତି ଶିଶିର କୁମାର ପ୍ରହରାଜ, ସମ୍ପାଦକ ଶୁଭେନ୍ଦୁ କୁମାର ଦାସ, ଉପସଭାପତି ଉତ୍ତରା ମଲ୍ଲିକ, ସହସମ୍ପାଦକ ଦେବୀପ୍ରସାଦ ପଣ୍ଡା ଏବଂ କୋଷାଧ୍ୟକ୍ଷ ପଣ୍ଡିତ ବଲ୍ଲଭ ପରିଡ଼ା ପରିଚାଳନା କରିଥିଲେ । ବହୁ କର୍ମଚାରୀ ଏଥିରେ ଯୋଗଦେଇଥିଲେ ।

# ଦରମା ବୃଦ୍ଧି ଦାବିରେ ପାଚିକା-ସହାୟିକା ସଂଘର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୩୧।୧୨**



ପାଚିକା ଏବଂ ସହାୟିକାଙ୍କ ତରଫରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଦରମା ବୃଦ୍ଧି ଏବଂ ଅନ୍ୟାନ୍ୟ ଦାବିନେଇ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା-ସହାୟିକା ସଂଘ ଗଞ୍ଜାମ ଜିଲା ଶାଖା ତରଫରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ତରଫରୁ କୁହାଯାଇଛି, ଦରମା ୧୮ହଜାର ଟଙ୍କା କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହେଉଛି। ୨୦୧୭ ଡିସେମ୍ବରରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨୦୧୮ ସୁଦ୍ଧା ପାଚିକା ଏବଂ ସହାୟିକାଙ୍କ ଦରମା ୧୪ଶହ ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ଦାବି ପୂରଣ ହୋଇନାହିଁ। ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ ରାଜ୍ୟ ସରକାର ପ୍ରତିଶ୍ରୁତି ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଏପରିକି କେନ୍ଦ୍ର ସରକାର ମଧ୍ୟ ନିଜ ଅଂଶ ପ୍ରଦାନ କରୁନାହାନ୍ତି। ବର୍ଷକ ୧୨ମାସ ବଦଳରେ ୧୦ମାସର ଦରମା ଦିଆଯାଉଛି। ଯେଉଁମାନେ ଏହାର ପ୍ରତିବାଦ କରିବେ, ସେମାନଙ୍କୁ ଛଟେଇ ଧମକ ଦିଆଯାଉଛି। ଛାତ୍ର ସଂଖ୍ୟା କମିବା କିମ୍ବା ସ୍କୁଲ ମିଶ୍ରଣ ଯୋଗୁ ଛଟେଇ ହେଉଥିବା ପାଚିକା ଓ ସହାୟିକାଙ୍କୁ ଛାତ୍ର ଉପସ୍ଥାନ ବଢ଼ିବା ପରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯାଉନାହିଁ। ସରକାରୀ ବିଦ୍ୟାଳୟରେ ଯୋଜନାକୁ ନିଷ୍ଠାର ସହିତ ସଫଳ ରୂପାୟନ କରୁଥିବା ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉନାହିଁ। ସେମାନଙ୍କୁ କୌଣସି ସାମାଜିକ ସୁରକ୍ଷା କିମ୍ବା ଅବସରକାଳୀନ ସୁବିଧା ମଧ୍ୟ ଦିଆଯାଉନାହିଁ। ଏସବୁ ସମସ୍ୟାର ସମାଧାନ ଦାବି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ବିକ୍ଷୋଭରେ ରାଜ୍ୟ ସଂଘ ସଭାପତି ବିଷ୍ଣୁ ଦାସ, ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଇନ୍ଦୁମତୀ ପାଢୀ, କେ.ଜୟନ୍ତୀ, ପାର୍ବତୀ ପ୍ରଧାନ, ଗୀତାଞ୍ଜଳି ମହୁଡ଼ା ଓ ସସ୍ମିତା ସାହୁଙ୍କ ସମେତ ବହୁ ପାଚିକା ଏବଂ ସହାୟିକା ଏଥିରେ ଭାଗ ନେଇଥିଲେ। ଏହା ପୂର୍ବରୁ ବିକ୍ଷୋଭକାରୀମାନେ ଷ୍ଟେଶନ୍‌ଠାରୁ ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


ଆଦିତ୍ୟ


ଲୁପିନ୍

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବ୍ରହ୍ମପୁରରେ ଜାଗୃତି ରେଳଯାତ୍ରା


ଗ୍ରାମ ବିକାଶରେ ଅଭିଯାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝୁଛନ୍ତି ।

**ବ୍ରହ୍ମପୁର ଅଫିସ,୩୧।୧୨**

ଉଦ୍ୟୋଗ ମାଧ୍ୟମରେ ଭାରତ ବିକାଶ ବାର୍ତ୍ତା ନେଇ ବାହାରିଥିବା ଜାଗୃତି ରେଳ ଯାତ୍ରା ସୋମବାର ସକାଳେ ବ୍ରହ୍ମପୁରରେ ପହଞ୍ଚିଛି। ଅଭିଯାତ୍ରୀମାନେ ବ୍ରହ୍ମପୁରରେ ପହଞ୍ଚିବା ସହ ମହୁଡ଼ା ଗ୍ରାମ ବିକାଶ ସଂସ୍ଥା ପରିଦର୍ଶନରେ ଯାଇଥିଲେ। ଜଳ ଓ ପରିମଳ ସମସ୍ୟା ପାଇଁ ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅଭିଯାତ୍ରୀମାନେ କର୍ମକର୍ତ୍ତାଙ୍କୁ ପଚାରି ବୁଝିଥିଲେ। ଏଥି ସହ ବିଭିନ୍ନ ପ୍ରକଳ୍ପ ଦେଖିଥିଲେ। ଗ୍ରାମ ବିକାଶର କାର୍ଯ୍ୟକାରୀ ନିର୍ଦ୍ଦେଶକ ଲିବି ଜନସନ୍ ଅଭିଯାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଯାତ୍ରା ସମ୍ପର୍କରେ କର୍ମକର୍ତ୍ତା ନକୁଲ ଗୁପ୍ତା, ଚିନ୍ମୟ ଭଡ଼୍‌ନେରେ, ସୁଯୋଗ ଭାଡ୍ରେ କହିଥିଲେ ଯେ, ଗତ ୨୪ତାରିଖରେ ଏହି ଯାତ୍ରା ମୁମ୍ବାଇରୁ ବାହାରିଛି। ୯ ରାଜ୍ୟ ପରିଭ୍ରମଣ କରିବା ସହ ୧୨ ସ୍ଥାନରେ ଅଟକି, ବିଭିନ୍ନ ପ୍ରକାର ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନାଗୁଡ଼ିକ ବୁଲି ଦେଖିବେ। ରବିବାର ସୁଦ୍ଧା ଏହି ଯାତ୍ରା ୮ହଜାର କି.ମି.ଅତିକ୍ରମ କରିସାରିଲାଣି । ଯାତ୍ରାରେ ୫ଶହ ଅଭିଯାତ୍ରୀ ସାମିଲ୍ ହୋଇଛନ୍ତି। ୨୦ରୁ ୨୭ବର୍ଷ ମଧ୍ୟରେ ୪୨୦ ଯୁବତୀ ଯୁବକ ଏବଂ ୨୭ରୁ ୪୫ବୟସ ମଧ୍ୟରେ ୨୦ଜଣ ଅଛନ୍ତି । ଏମାନଙ୍କ ମଧ୍ୟରେ ୨୦ ବିଦେଶୀ ନାଗରିକ ରହିଛନ୍ତି । ଯୁବପିଢ଼ି ମଧ୍ୟରେ ନୂତନ ଉଦ୍ୟୋଗ ସୃଷ୍ଟି ପାଇଁ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ ଉଦ୍ଦେଶ୍ୟରେ ଏହି ଯାତ୍ରା ଆୟୋଜନ କରାଯାଇଛି । ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ଉଦ୍ୟୋଗ ଏବଂ ବିକାଶ ମୂଳକ କାର୍ଯ୍ୟଗୁଡ଼ିକ ବୁଲି ଦେଖାଇବା ସହ ତାଲିମ୍ ପ୍ରଦାନ କରାଯାଉଛି। ଚାକିରି ପଛରେ ଗୋଡ଼ାଇବା ବଦଳରେ ନିଜେ ସକ୍ଷମ ହୋଇ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ, ସେ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରାଯାଉଛି । ଗତ ୧୦ବର୍ଷ ହେଲା ଏଭଳି ଯାତ୍ରା ଆୟୋଜନ କରାଯାଉଛି । ଅନେକ ଉଦ୍ୟୋଗୀଙ୍କୁ ସୃଷ୍ଟି କରିବାରେ ଏହି ଯାତ୍ରା ସଫଳ ହୋଇପାରିଛି ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି। ଯାତ୍ରାର ସଫଳତା ଯୋଗୁ ପ୍ରତି ବର୍ଷ ଆବେଦନକାରୀଙ୍କ ସଂଖ୍ୟା ବଢୁଛି। ଚଳିତ ବର୍ଷ ୧୫ହଜାର ଯୁବତୀ ଯୁବକ ଆବେଦନ କରିଥିଲେ। ୫୦ ଚୟନକର୍ତ୍ତା ମାତ୍ରା ୫ଶହ ଜଣଙ୍କୁ ଯାତ୍ରା ପାଇଁ ଚୟନ କରିଥିଲେ ।

## ଅନ୍‌ଲାଇନ୍ ପଞ୍ଜୀକରଣକୁ ଦଲିଲ ଲେଖକଙ୍କ ବିରୋଧ

**ବ୍ରହ୍ମପୁର ଅଫିସ,୩୧।୧୨**

ଅନ୍‌ଲାଇନ୍‌ରେ ପଞ୍ଜୀକରଣ, କ୍ୟାଶଲେସ୍ ବ୍ୟବସ୍ଥା ଏବଂ ଜମି କିଣାବିକା ଜନିତ କାର୍ଯ୍ୟ ଅନ୍‌ଲାଇନ୍‌ରେ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହାକୁ ଓଡ଼ିଶା ଦଲିଲ ଲେଖକ ମହାସଂଘ ବିରୋଧ କରୁଛି । ମହାସଂଘ ନିର୍ଦ୍ଦେଶରେ ଗଞ୍ଜାମ ଜିଲା ଦଲିଲ ଲେଖକ ସଂଘ ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ବ୍ରହ୍ମପୁର ସ୍ଥିତ ସବ୍-ରେଜିଷ୍ଟ୍ରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଅନ୍‌ଲାଇନ୍ ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ସେମାନେ ଦାବି କରିଛନ୍ତି । ଏହି ବିକ୍ଷୋଭରେ ସଂଘର ସାଇ ପ୍ରସାଦ ପାତ୍ର, ଅରୁଣ କୁମାର ପଣ୍ଡା, ପ୍ରଶାନ୍ତ ଦାସ, କରୁଣାକର ରାଉଳ, ମହେଶ୍ୱର ଜେନା, ଭଗବାନ ପାଣିଗ୍ରାହୀ, ବାଳକୃଷ୍ଣ ପଟ୍ଟନାୟକ, ପ୍ରଶାନ୍ତ ଦାସ ଓ ଚନ୍ଦ୍ରଶେଖର ପାଣିଗ୍ରାହୀ ପ୍ରମୁଖ ଭାଗ ନେଇଥିଲେ ।


ଦଲିଲ ଲେଖକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା


ସିଡିଏମ୍‌ଓଙ୍କ ଅଫିସ୍ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା ।

**ବ୍ରହ୍ମପୁର ଅଫିସ୍,୩୧।୧୨**

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭୫ ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସିଡିଏମଓ ସଦାନନ୍ଦ ମିଶ୍ରଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଦତ୍ତ ସ୍ମାରକ ପତ୍ରରେ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜିଟାଲ୍ ଏକ୍ସ-ରେ, ଅଲଟ୍ରା ସାଉଣ୍ଡ୍ ମେଶିନ ସ୍ଥାପନ, ୨୪ ଘଣ୍ଟିଆ ନିରାମୟ କେନ୍ଦ୍ର ଖୋଲିବା, ଜନନୀ ଓ ଶିଶୁ ସୁରକ୍ଷା ଯୋଜନାରେ ରୋଗୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା, ବ୍ରହ୍ମପୁର ବଡ ମେଡିକାଲର ସାଟେଲାଇଟ୍ ହସ୍‌ପିଟାଲ ସିଟି ହସ୍‌ପିଟାଲରେ ସହାୟ ଯୋଜନାରେ ମାଗଣାରେ ଡାଏଲିସିସ୍ ସେବା ଯୋଗାଇଦେବା, ସିଟି ସ୍କାନ୍, ଏମଆରଆଇ ପରୀକ୍ଷା, ହାଇ-ଏଣ୍ଡ୍ ପାଥଲୋଜି ପରୀକ୍ଷା ଆଦି କରାଯିବା ଦାବି ଦର୍ଶାଯାଇଥିଲା । ଅପରପକ୍ଷେ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡିଏମଓ ମିଶ୍ର କହିଛନ୍ତି । ମଞ୍ଚ ସଂଯୋଜକ ଅବନୀ ଗୟାଙ୍କ ନେତୃତ୍ୱରେ ଉକ୍ତ ଆନ୍ଦୋଳନରେ ମନୋଜ କୁମାର ତରାଇ, ଭାସ୍କର ଚନ୍ଦ୍ର ସାହୁ, ବିଜୟ ଚନ୍ଦ୍ର ବିଷୋୟୀ, କିଶୋର ପାତ୍ର ଓ ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

## ନିରାପତ୍ତା ଯାଞ୍ଚ କଲା ଅଗ୍ନିଶମ ବାହିନୀ

**ବ୍ରହ୍ମପୁର ଅଫିସ୍,୩୧।୧୨**

### ଜିରୋ ନାଇଟ୍ ପାଳନ

ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ରେଶମ ସହର ବ୍ରହ୍ମପୁରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ଜିରୋ ନାଇଟ୍ ଉତ୍ସବ ପାଳନ କରିବା ପାଇଁ ସହରବାସୀ ମସଗୁଲ ଥିବା ପ୍ରାୟ ଦେଖିବାକୁ ମିଳିଛି । ହେଲେ ଉତ୍ସବ ପାଳନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଯେଭଳି ନ ଘଟେ ସେଥିପାଇଁ ସବୁ ମହଲରେ ସଜାଗ ରହିଥିବା ଦେଖିବାକୁ ମିଳିଛି। ବିଶେଷ କରି ବିଦ୍ୟୁତ୍ ଶର୍ଟ ସର୍କିଟ୍ ହୋଇ ଅଗ୍ନିକାଣ୍ଡ ଭଳି ଯେପରି ବଡ ଅଘଟଣ ନ ଘଟେ ସେଥି ପ୍ରତି ସମସ୍ତେ ଯତ୍ନବାନ ହୋଇଥିବା ଦେଖିବାକୁ ମିଳିଛି । ସହରର ୟୁନିଅନ୍ କ୍ଲବ୍, ସଂସ୍କୃତି ଭବନ, କନିଷ୍ଠ ଜିମାକ୍ସ ହୋଟେଲ୍, ଗୋପାଳପୁର ମେଫେୟାର୍, ସ୍ୱସ୍ତି-ଇନ୍ ଆଦି ପ୍ରମୁଖ ସ୍ଥାନରେ ଅନୁଷ୍ଠିତ ଜିରୋ ନାଇଟ୍ ପାଳନ ଉତ୍ସବରେ ମାତ୍ରାଧିକ ଜନସମାଗମ ହେବ ବୋଲି ଜଣାଯାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ରହ୍ମପୁର ଅଗ୍ନିଶମ ବାହିନୀର ଏଏଫଓ ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସମସ୍ତ ଜିରୋ ନାଇଟ୍ ପାଳନ ସ୍ଥାନରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଥିଲା। ସମସ୍ତ ସ୍ଥାନରେ ପ୍ରବେଶ ଏବଂ ପ୍ରସ୍ଥାନ ଉଦ୍ଦିଷ୍ଟ ଧରଣର ପ୍ରସ୍ତୁତ କରିବା ସହିତ, ଅଗ୍ନିନିର୍ବାପକ ଯନ୍ତ୍ର ରଖିବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା । ସେହିପରି ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା ଠିକ୍ ଭାବେ ପରଖିବା ସହିତ ପାଣି ଓ ବାଲି ମହଜୁଦ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯେ କୌଣସି ସମସ୍ୟା ହେଲେ ଅଗ୍ନିଶମ ବାହିନୀ ସହିତ ସିଧାସଳଖ ଯୋଗାଯୋଗ କରିବା ପାଇଁ ଟେଲିଫୋନ ନମ୍ବର ମଧ୍ୟ ଦିଆଯାଇଥିବା ଏଏଫଓ ସୂଚନା ଦେଇଛନ୍ତି । ଜିରୋ ନାଇଟ୍ ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ଜନଧନ ସୁରକ୍ଷା ନେଇ ଆଲର୍ଟ ରହିଥିବା ବେଳେ ୭ ଜଣ ଲେଖାଏ ଦୁଇଟି ଟିମ୍ ପ୍ରସ୍ତୁତ କରାଯାଇଥିବା ଜଣାଯାଇଛି । ଉଭୟ ଟିମ୍‌କୁ ଦୁଇଟି ଲେଖାଏ ନିଆଁ ଲିଭା ଗାଡି ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଛି । ସହରବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବାହିନୀ ପ୍ରାକ୍ ପ୍ରସ୍ତୁତି କରିଦେଇଥିବା ବେଳେ ସୋମବାର ସମସ୍ତ ଜିରୋ ନାଇଟ୍ ପାଳନ ସ୍ଥାନ ପରିଦର୍ଶନ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଥିବା ସୂଚନା ଦିଆଯାଇଛି।

# ବ୍ରହ୍ମପୁରରେ ୨୦୧୯କୁ ସ୍ୱାଗତ

**ବ୍ରହ୍ମପୁର ଅଫିସ,୩୧।୧୨**

ରାତି ପାହିଲେ ନୂଆ ବର୍ଷ। କ୍ୟାଲେଣ୍ଡର୍‌ରେ ବଦଳି ଯିବ ମସିହା। ୨୦୧୮ ବଦଳି ହେବ ୨୦୧୯ । ନୂଆ ବର୍ଷର ପ୍ରଥମ ଦିନକୁ ସ୍ୱାଗତ କରିବା ପାଇଁ ବ୍ରହ୍ମପୁର ସହରବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ପ୍ରବଳ ଉତ୍ସାହ। ସୋମବାର ରାତିରୁ ହିଁ ୨୦୧୯ର ଧୁମ୍ ଦେଖାଦେଇଛି। ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେଉଛି। ନାଚ ଗୀତ ଏବଂ ସାଙ୍ଗସାଥୀଙ୍କୁ ଶୁଭେଚ୍ଛା ଜଣାଇବାର ପର୍ବ ଆରମ୍ଭ ହୋଇଯାଇଛି। ଖାଦ୍ୟ ପାନୀୟର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେବେ ଜିରୋ ନାଇଟ୍ ସୋମବାର ପଡ଼ିଥିବା ଯୋଗୁ ସବୁଆଡ଼େ ନିରାମିଷ ଖାଦ୍ୟର ବ୍ୟବସ୍ଥା ହୋଇଛି ।

ନୂଆବର୍ଷକୁ ସ୍ୱାଗତ କରିବା ପାଇଁ କେକ୍‌ର ଚାହିଦା ଅଧିକ ରହିଥାଏ। କେକ୍ କାଟି ନୂଆ ବର୍ଷକୁ ସ୍ୱାଗତ କରିବା ମଜା ନିଆରା । ଏହାକୁ ଦେଖି ବ୍ରହ୍ମପୁର ସହରରେ ଥିବା ବିଭିନ୍ନ ବେକେରିରେ


ବ୍ରହ୍ମପୁରରେ ଜିରୋ ନାଇଟ ପାଳନ ଅବସରରେ ନାଚଗୀତ ଚାଲିଛି।

କେକ୍ ପ୍ରସ୍ତୁତି ଏବଂ ବିକ୍ରି ହେଉଛି । ଚଳିତ ବର୍ଷ ଥ୍ରି-ଡି କେକ୍‌ର ଚାହିଦା ଅଧିକ ରହିଥିବା ଦୋକାନୀମାନେ କହିଛନ୍ତି। ଏଥିରେ ଲେଖାଯାଉଥିବା ଶୁଭେଚ୍ଛା ବାର୍ତ୍ତା ଭିନ୍ନ ଧରଣର ଦେଖାଯାଉଥିବା ଯୋଗୁ, ଏହି କେକ୍‌କୁ କିଣିବା ପାଇଁ ବ୍ରହ୍ମପୁର ବାସିନ୍ଦାଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି। ଏକ କିଲୋ ଥ୍ରି-ଡି କେକ୍‌ର ଓଜନ ୧ ହଜାର ଟଙ୍କା ରହିଛି । ସେହିଭଳି ଆଇସ୍ କେକ୍‌ର ଚାହିଦା ମଧ୍ୟ ରହିଛି । ସାଧାରଣ ଆଇସ୍ କେକ୍‌ର ଦର କିଲୋ ପିଛା ୫ଶହ ଟଙ୍କା ରହିଥିବା ବେଳେ ଡିଜାଇନ୍ ହୋଇଥିବା କେକ୍‌ର ଦର କିଲୋ ପିଛା ୬ଶହ ଟଙ୍କା ରହିଛି । ସେହିଭଳି ଅନ୍ୟାନ୍ୟ କେକ୍‌ର ଦର କିଲୋ ପିଛା ୩ଶହ ଟଙ୍କା ଥିବା ବେଳେ ଡିଜାଇନ୍ ହେଲେ ତାହାର ଦାମ୍ ୩୫୦ଟଙ୍କା ରହିଛି ବୋଲି କାରିଗର ଏ.ରାମୁ ପ୍ରକାଶ କରିଛନ୍ତି । ଅପରପକ୍ଷେ ଫୁଲ ଦୋକାନଗୁଡ଼ିକରେ ମଧ୍ୟ ଗହଳି ଦେଖିବାକୁ ମିଳିଥିଲା । ଗୋଲାପ ଏବଂ ଅନ୍ୟାନ୍ୟ ଫୁଲର ଚାହିଦା ରହିଥିଲା।


ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର କେକ୍ ।

ସେହିଭଳି ବିଭିନ୍ନ କ୍ଲବ ଯଥା ୟୁନିୟନ୍ କ୍ଲବ ଏବଂ ଗଞ୍ଜାମ କ୍ଲବ ସମେତ ଅନ୍ୟାନ୍ୟ କ୍ଲବ ତରଫରୁ ମଧ୍ୟ ଜିରୋ ନାଇଟ୍ ଆୟୋଜନ ହୋଇଛି। ଓଡ଼ିଆ ଏବଂ ହିନ୍ଦୀ ଚଳଚ୍ଚିତ୍ର ଜଗତର ଗାୟକ ଏବଂ ଅଭିନେତ୍ରୀ ଅଭିନେତାମାନେ ଏହି ସବୁ କାର୍ଯ୍ୟକ୍ରମର ଆକର୍ଷଣ ସାଜିଛନ୍ତି । ଅନ୍ୟପଟେ କେତେକ ହୋଟେଲ୍ ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାଗୁଡ଼ିକ ତରଫରୁ ମଧ୍ୟ ଜିରୋ ନାଇଟ୍ ଆୟୋଜନ ହୋଇଥିଲା।

## ସଂକ୍ଷେପରେ

### ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

**ହିଞ୍ଜିଳିକାଟୁ, ୩୧।୧୨(ଡି.ଏନ୍.ଏ.) :** ହିଞ୍ଜିଳି ଥାନା କୋଳିଦାସପୁର ଗ୍ରାମରେ ଚାଷଜମିରୁ ଗୁରୁତର ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ କୋଳିଦାସପୁରର ପ୍ରସନ୍ନ ନାହାକ। ସୋମବାର ଅପରାହ୍ନରେ ପ୍ରସନ୍ନ ନିଜ ଚାଷଜମିରେ ଅଚେତ ଅବସ୍ଥାରେ ପଡ଼ିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ପ୍ରସନ୍ନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

### ଛାତରୁ ଖସି ନାବାଳକ ଗୁରୁତର

**ହିଞ୍ଜିଳିକାଟୁ,୩୧।୧୨(ଡି.ଏନ୍.ଏ):** ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆର ଜଣେ ନାବାଳକ ସୋମବାର ମଧ୍ୟାହ୍ନରେ ଛାତ ଉପରେ ଗୁଡ଼ି ଉଡ଼ାଉଥିବା ବେଳେ ଅସାବଧାନରେ ତଳକୁ ଖସିପଡ଼ି ଗୁରୁତର ହୋଇଛନ୍ତି । ସେ ହେଲେ ସଦାଶିବ ସାହୁ (୧୧)। ପରିବାର ଲୋକେ ସଦାଶିବଙ୍କୁ ଉଦ୍ଧାର କରି ପ୍ରଥମେ ହିଞ୍ଜିଳିକାଟୁ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଛନ୍ତି।

### ବେଲାଧ୍ୱନି ସାହିତ୍ୟ ଉତ୍ସବ



**ଛତ୍ରପୁର,୩୧।୧୨(ଡି.ଏନ.ଏ):** ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ପାଠାଗାର ଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବେଲାଧ୍ୱନି ସାହିତ୍ୟ ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାରସ୍ୱତ ସାଧକ ପ୍ରମୋଦ କୁମାର ଜେନା ଏହାକୁ ଉଦଘାଟନ କରିଥିଲେ । ଅମ୍ବିକା ପ୍ରସାଦ ସାଶ, ଯାମିନିକାନ୍ତ ଦାଶ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସାହିତ୍ୟର ଗତିବିଧି ସମ୍ପର୍କରେ ଆଲୋକପାତ କରିଥିଲେ । କବି ନିରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋମନାଥ ସାହୁ, ଗୋକୁଳ ଚନ୍ଦ୍ର ପଣ୍ଡା, ଗଜେନ୍ଦ୍ର ପାଢ଼ୀ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସୁଶାନ୍ତ ଦାଶ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବି ଗୌରଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜେନ୍ଦ୍ର କୁମାର ବେହେରା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, କବି ବ୍ରଜ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ । ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅଜୟ କୁମାର ତ୍ରିପାଠୀଙ୍କୁ ବେଲାଧ୍ୱନି କବିତା ସମ୍ମାନ, ସୁବର୍ଣ୍ଣମାଳା ବିଷୋୟୀଙ୍କୁ କବିତା ସମ୍ମାନ, ରଜେନ୍ଦ୍ର କୁମାର ପାଢ଼ୀଙ୍କୁ ଚିତ୍ରକଳା ସମ୍ମାନ ଦିଆଯାଇଥିଲା। ସେହିପରି ଦେବାଶିଷ ଦାଶ, ତପନ ପଟ୍ଟନାୟକ ଓ ବିମ୍ବାଧର ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦିପ୍ତିମୟୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଭଞ୍ଜନଗର,୩୧।୧୨(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ୧୨ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ଡ.ସୁବାସ ଚନ୍ଦ୍ର ପ୍ରଧାନ, ଡ.ଆର.ଏନ.ପାଳ, ପ୍ରାଧାପକ ସୁକାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଡ.ରବୀନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପିକା ତୃପ୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାବିତ୍ରୀ ନାୟକ ଓ ଅହଲ୍ୟା ବେହେରା ତାଲିମ ପ୍ରଦାନ କରିଥିଲେ ।

### କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ପରଲୋକ

**ଭଞ୍ଜନଗର,୩୧।୧୨(ଡି.ଏନ.ଏ.):** ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଆରତି ଶତପଥୀ(୪୮) ସୋମବାର ପରଲୋକ ହୋଇଛି । ସେ ଆଜିକୁ କିଛିଦିନ ହେବ ଅସୁସ୍ଥ ଥିଲେ । ତାଙ୍କର ବିୟୋଗରେ କଲେଜରେ ସୋମବାର ଏକ ଶୋକସଭା ହୋଇଥିଲା । ଏଥିରେ ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ସଭାପତିତ୍ୱ କରିଥିଲେ ।

# ରାତ୍ରିକାଳୀନ ଆହାର ଯୋଜନା ଆରମ୍ଭ

**ବ୍ରହ୍ମପୁର ଅଫିସ/ଭଞ୍ଜନଗର (ଡି.ଏନ୍.ଏ)/ ଫୁଲବାଣୀ ଅଫିସ,୩୧।୧୨**



ବ୍ରହ୍ମପୁର ବଡ଼ ମେଡିକାଲରେ ଅତିଥିମାନେ ରାତ୍ରି ଆହାର ବ୍ୟବସ୍ଥାର ଶୁଭାରମ୍ଭ କରୁଛନ୍ତି ।

## ଗଞ୍ଜାମ ଜିଲାରେ ୨, କନ୍ଧମାଳରେ ଗୋଟିଏ କେନ୍ଦ୍ର

ରାଜ୍ୟର ସରକାରୀ ମେଡିକାଲକୁ ଚିକିତ୍ସା ପାଇଁ ଅସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ଲାଗି ସୋମବାରଠାରୁ ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରଗୁଡ଼ିକରେ ରାତ୍ରିକାଳୀନ ଆହାର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲାରେ ସରକାରୀ ହସ୍ପିଟାଲରେ ଥିବା ୫୬ ଆହାର କେନ୍ଦ୍ରରେ ରାତ୍ରିକାଳୀନ ଆହାର ବ୍ୟବସ୍ଥାର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଯୋଗେ ଶୁଭାରମ୍ଭ କରିଛନ୍ତି । ସେଥିମଧ୍ୟରେ ଗଞ୍ଜାମ ଜିଲାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଓ ଭଞ୍ଜନଗର ସରକାରୀ ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରରେ ରାତ୍ରିକାଳୀନ ଆହାର ବ୍ୟବସ୍ଥା ଶୁଭାରମ୍ଭ ହୋଇଛି । ଏହି ଅବସରରେ ବ୍ରହ୍ମପୁର ଏମକେସିଜି ପରିସରରେ ଥିବା ଆହାରକେନ୍ଦ୍ରରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ପୂର୍ବତନ ମେୟର କେ. ମାଧବୀ, ପୂର୍ବତନ ଡେପୁଟି ମେୟର ଜ୍ୟୋସ୍ନା ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଡିଏ ଅଧ୍ୟକ୍ଷ ସୁବାସ ମହରଣା, ବିଶିଷ୍ଟ ସାମାଜିକକର୍ମୀ ଡ. ଭଗବାନ ଗନ୍ତାୟତ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଏମକେସିଜି ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ, ଅଧୀକ୍ଷକ ପ୍ରଫେସର ଡା. ଚରଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ମହାନଗର ନିଗମ(ବିଏମସି) ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟ, ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବିଏମ୍‌ସିର ସମସ୍ତ ନିର୍ବାହୀଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ । ତେବେ ଏହି କେନ୍ଦ୍ରରେ ପ୍ରାଥମିକ ପର୍ଯ୍ୟାୟରେ ରାତ୍ର ୭ଟାରୁ ୯ ଟା ମଧ୍ୟରେ ୫୦୦ ଲୋକଙ୍କୁ ଆହାର ଦେବାର ବ୍ୟବସ୍ଥା ରହିଛି। ସେହିପରି ଭଞ୍ଜନଗର ହସ୍ପିଟାଲରେ ୨୫୦ ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ହୋଇଛି। ଏଠାରେ ରାତ୍ରିକାଳୀନ ଆହାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଭଞ୍ଜନଗର ସହରରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ରାତି ଆଶ୍ରୟସ୍ଥଳୀ ନିର୍ମାଣ ହେବ । ଏ ବାବଦକୁ ୧୬ଲକ୍ଷ ଟଙ୍କା ଅନୁଦାନ ଏନଏସିକୁ ଆସିଛି ବୋଲି ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁୟାରୀ ଶେଷ ସପ୍ତାହରେ ଭଞ୍ଜନଗର ଗସ୍ତରେ ଆସି ନୂତନ ଜେଲ, ଟାଉନହଲ ଓ ନୂତନ ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ ସହ ରାତି ଆଶ୍ରୟସ୍ଥଳୀର ଶିଳାନ୍ୟାସ କରିବେ ବୋଲି ମନ୍ତ୍ରୀ ଆରୁଖ କହିଥିଲେ । ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ । ଗଞ୍ଜାମ ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ, ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନିତା କୁମାରୀ ଦଳବେହେରା, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ପୂର୍ବତନ ନଗରପାଳ ସୁଧୀର ରଞ୍ଜନ ବେହେରା, ପୁରୁଷୋତ୍ତମପୁର ଏସ୍‌ଡ଼ିପିଓ ଅଶ୍ୱିନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏନଏସି ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ଏହି ରାତ୍ର ଭୋଜନ ବ୍ୟବସ୍ଥାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଦୁଗୁନି କହଁର ଓ କନ୍ଧମାଳ ଜିଲାପାଳ ଡ୍.ବୃନ୍ଦା.ଡ଼ି ଯୋଗଦେଇଥିଲେ। ପୌର ପରିଷଦର ନିର୍ବାହୀ ଅଧିକାରୀ ରାଧା ମୋହନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କେନ୍ଦ୍ରରେ ରାତିରେ ୨୫୦ଜଣଙ୍କୁ ଏହି ଆହାର ଯୋଗାଇ ଦିଆଯିବ ।



ଭଞ୍ଜନଗର ହସ୍ପିଟାଲ ରାତ୍ରି ଆହାର କେନ୍ଦ୍ର ଉଦ୍‌ଘାଟନୀରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

### ଅଜଣା ରୋଗରେ କଷ୍ଟ ଭୋଗୁଛନ୍ତି ସନ୍ଦିପ

# ଚିକିତ୍ସା ପାଇଁ ଅର୍ଥ, ପାଠପଢ଼ାରେ ରୋଗ ସାଜିଛି ବାଧକ

**ଦାରିଙ୍ଗବାଡ଼ି,୩୧।୧୨(ଡି.ଏନ.ଏ)**



ସନ୍ଦିପ ପ୍ରଧାନ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବାଡାବାଙ୍ଗା ପଞ୍ଚାୟତ ମଣ୍ଡବାଡ଼ି ଗ୍ରାମର ଜଣେ୧୧ ବର୍ଷ ବୟସର ଶିଶୁଙ୍କ ଅଙ୍ଗର ବିଭିନ୍ନ ସ୍ଥାନରେ ଅସ୍ୱାଭାବିକ ଭାବେ ମାଂଶ ବୃଦ୍ଧି ପାଉଛି। ଯାହାକୁ ପାଠ ପଢାରେ ବାଧକ ସାଜିଛି। ସେପଟେ ତାଙ୍କର ଚିକିତ୍ସା ପାଇଁ ପରିବାରଲୋକଙ୍କ ଚିନ୍ତା ବୃଦ୍ଧି ପାଇଛି।

ଗ୍ରାମର ଜଗଦିଶ ପ୍ରଧାନଙ୍କ ପୁଅ ସନ୍ଦୀପ ଷଷ୍ଠ ଶ୍ରେଣୀରେ ପଢନ୍ତି। ଗତ କିଛିଦିନ ହେଲା ତାଙ୍କ ଶରୀରର ବିଭିନ୍ନ ଅଙ୍ଗର ଜଏଣ୍ଟ ସମେତ ପଛ ପାଖ ଓ ପାଦରେ ଅସ୍ୱାଭାବିକ ଭାବେ ମାଂସ ପିଣ୍ଡୁଳା ବୃଦ୍ଧି ପାଉଛି। ସେ ଯନ୍ତ୍ରଣା ଭୋଗିବା ସହ ଅସୁନ୍ଦର ଦେଖା ଯାଉଥିବାରୁ ବିଦ୍ୟାଳୟକୁ ଯାଇପାରୁନାହାନ୍ତି ବୋଲି ତାଙ୍କ ବାପା ସୂଚନା ଦେଇଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଅର୍ଥ ଅଭାବ ଯୋଗୁ ଅଧିକ ଚିକିତ୍ସା କରାଇପାରୁନାହାନ୍ତି। ଏନେଇ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇବା ପରେ ସେଠାରୁ ସନ୍ଦିପଙ୍କ ଚିକିତ୍ସା କରାଇବାକୁ ଜିଲା ସ୍ୱାସ୍ଥ୍ୟବିଭାଗକୁ ନିର୍ଦ୍ଦେଶ ଆସିଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସମୀର କୁମାର ଦାସ କହିଛନ୍ତି। ରବିବାର ମଣ୍ଡବାଡ଼ି ଗ୍ରାମକୁ ଏକ ଟିମ୍ ପଠାଯାଇଛି ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବ ଏବଂ ରୋଗ ନିଦାନ ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲ କିମ୍ବା ଭୁବନେଶ୍ୱର ପଠାଯିବା ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉକ୍ତ ଅଞ୍ଚଳରେ ବନ୍ଦ ହୋଇଯାଇଛି। ଏଠାରେ କାର୍ଯ୍ୟକରୁଥିବା ଡାକ୍ତରଙ୍କ ଅନ୍ୟ ଜିଲାକୁ ବଦଳି ପରେ ଏହି ପଦବୀ ଖାଲି ପଡ଼ିଛି। ଏହି ଯୋଜନା କାର୍ଯ୍ୟକ୍ରମ କରାଯାଇଥିଲେ ହୁଏତ ସନ୍ଦୀପ ଏତେଦିନ ଯନ୍ତ୍ରଣା ଭୋଗି ନ ଥାନ୍ତେ ବୋଲି ସାମାଜିକକର୍ମୀ ସୁରେଶ ବଳିଆର ସିଂ କହିଛନ୍ତି। ଏନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସମୀର କୁମାର ଦାସ କହିଛନ୍ତି ଯେ, ଉକ୍ତ ପଦବୀ ଖାଲି ପଡ଼ିଥିବା ଘଟଣା ରାଜ୍ୟସରକାରଙ୍କୁ ଜଣାଯାଇଛି।

# ୩୧୨ ଅଭିଯୋଗ ଶୁଣିଲେ ଜିଲାପାଳ



ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ।

**ଦିଗପହଣ୍ଡି, ୩୧।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ୩୧୨ଟି ଅଭିଯୋଗ ଶୁଣାଣି କରିଛନ୍ତି। ସେଥିମଧ୍ୟରେ ୨୪୬ଟି ବ୍ୟକ୍ତିଗତ, ୬୬ଟି ସାମୂହିକ ସମସ୍ୟା ଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ୭ ଜଣଙ୍କୁ ୫୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ, ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁର, ବିଡିଓ ହଳଧର ଶବର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ଜିଲା ଯୋଗାଣ ଅଧିକାରୀ ବଳରାମ ସେଠୀ, ଜିଲା ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ବିନୟ ଭୂଷଣ ମହାନ୍ତି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବିନୀତା ସେନାପତି, ଦିଗହପଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ବାରମ୍ବାର ଆବେଦନ କରି ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ହେଲେ ଭତ୍ତା କି ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ଖଣ୍ଡେ ମିଳୁନି ବୋଲି କୁଶପଡ଼ା, ବି.ତୁରୁବୁଡ଼ି, ଫାସିଗୁନା, ଖମାରିଗାଁ, ସିଦ୍ଧେଶ୍ୱର ପ୍ରଭୃତି ପଞ୍ଚାୟତ ଅଧିନ ଗାଁ ମାନଙ୍କରୁ ଆସିଥିବା ବହୁ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗପତ୍ର ଗ୍ରହଣ କରି ସେସବୁର ଶୀଘ୍ର ସମାଧାନ କରି ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଏନ୍‌ଏସିର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ବୁଗୁଡ଼ା,୩୧।୧୨(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସିରେ ସହକାରୀ ସଂଗ୍ରହକାରୀ (ଏସିସି) ଭାବେ କାର୍ଯ୍ୟକରି ଆସିଥିବା ଅବସରପ୍ରାପ୍ତ କର୍ମଚାରୀ ଯୁଧିଷ୍ଠିର ନାୟକଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବୁଗୁଡ଼ା ପୌର କର୍ମଚାରୀ ସଂଘ ପକ୍ଷରୁ ଏନ୍‌ଏସି ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସଂଘର ସଭାପତି ସନ୍ତୋଷ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ପ୍ରମୁଖ ଯୋଗଦେଇ ନାୟକଙ୍କ ଉତ୍ତମ କାର୍ଯ୍ୟକଳାପ ସମ୍ପର୍କରେ କହିଥିଲେ । ଏହି ଅବସରରେ ନାୟକଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଜଗଦୀଶ ପଣ୍ଡା ଧନ୍ୟବାଦ ଦେଇଥିଲେ । ଏଥିରେ ପୌର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



ଗଞ୍ଜାମ ଜିଲା ସୋରଡା ବ୍ଲକ ଅସୁରବନ୍ଧ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ସୋମବାର ରାତି ପ୍ରାୟ ୮ଟାରେ ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘର।

## ଖେଳ ଖବର

### ବାପୁଜୀ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ମୋହନା ଚାମ୍ପିୟନ

**ଦିଗପହଣ୍ଡି,୩୧।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଖମାରିଗାଁ ଉଜ୍ଜ୍ୱଳେଶ୍ୱର ହାଇସ୍କୁଲ ଖେଳ ପଡ଼ିଆରେ ଏକ ସପ୍ତାହ ଧରି ଚାଲିଥିବା ୧୬ତମ ବାପୁଜୀ ମହାନ୍ତି ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଗଜପତି ଜିଲା ମୋହନା ଗ୍ରାମ ଭଲିବଲ ଟିମ ପ୍ରତିପକ୍ଷ ବ୍ରହ୍ମପୁରର ପାୱାର ସିକ୍ସ ଭଲିବଲ ଟିମକୁ ସମୁଦାୟ ୩ଟି ସେଟରେ ୨୬-୧୯, ୧୭-୦୯ ଓ ୧୫-୦୫ ପଏଣ୍ଟ ବ୍ୟବଧାନରେ ହରାଇ ଚାମ୍ପିୟନ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଶ୍ୱେତବସନ୍ତ ଗୌଡ଼ ମ୍ୟାଚ ରେଫରି ଥିଲେ । ଉଦ୍‌ଯାପନୀରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, ଲଳିତ ମୋହନ ମହାପାତ୍ର, ରାମାରାଓ, ଚିତ୍ରସେନ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କାର ବିତରଣ କରିଥିଲେ । ସୀମାଞ୍ଚଳ ମହାନ୍ତି, ଲୁଲୁ ଗୌଡ଼, ସୁଶାନ୍ତ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ ।



ଅତିଥିଙ୍କ ଗହଣରେ ରନର୍ସଅପ୍ ଓ ଚାମ୍ପିୟନ ଟିମ୍।

### ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଟିକାବାଲି ଚାମ୍ପିୟନ

**ଶଙ୍କରାଖୋଲ,୩୧।୧୨(ଡି.ଏନ୍.ଏ.)**

ଟିକାବାଲି ନିକଟ ବାହାଡ଼ା ସାହି ଛକରେ ଜିଲାସ୍ତରୀୟ ଆଞ୍ଚଳିକ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାରଖମା ଓ ଟିକାବାଲି ବ୍ୟାଘ୍ରଦେବୀ ଦଳ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରଖମା ଦଳକୁ ୩-୦ରେ ହରାଇ ଟିକାବାଲି ବ୍ୟାଘ୍ରଦେବୀ ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଫୁଲବାଣୀ ବିଧାୟକ ଦୁଗୁନି କହଁର, ମୁଖ୍ୟବକ୍ତା ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ରଦନ ମଲିକ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ରଞ୍ଜନ କୁମାର କହଁର, ପ୍ରଦୀପ କୁମାର ଦିଗାଳ, ସମିତି ସଭ୍ୟ ବିଷ୍ଣୁଚରଣ ଦିଗାଳ, ଏମ୍‌ପି ପ୍ରତିନିଧି ତନୁଜ ଭୋଇ ଯୋଗଦେଇ ଚାମ୍ପିୟନ ଦଳକୁ ୧୩,୩୩୩ ଟଙ୍କା ସହ ସିଲ ଓ ରନର୍ସ ଦଳକୁ କପ୍‌ସହ ୯୯୯୯ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ସଭାପତି ପ୍ରଭଞ୍ଜନ କହଁର, ସମ୍ପାଦକ ସୁଶାନ୍ତ କୁମାର ମଲିକ, କୋଷାଧ୍ୟକ୍ଷ, ପ୍ରଦୀପ କହଁର ପରିଚାଳନା କରିଥିଲେ। ବିଭିନ୍ନ ବ୍ଲକର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

# ଚକ୍ରପାଣି ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ମଞ୍ଚାସୀନ ଅତିଥିବୃନ୍ଦ।

**ଦିଗପହଣ୍ଡି,୩୧।୧୨(ଡି.ଏନ.ଏ.)**

ଦିଗପହଣ୍ଡି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ଏମ. ଚକ୍ରପାଣି ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପୂର୍ବତନ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଭି. ରବି ନାରାୟଣ ରାଜୁ, ରାଜ୍ୟ ବାର କାଉନସିଲ ସଦସ୍ୟ ଦୀପକ କୁମାର ପଟ୍ଟନାୟକ, ସଦାନନ୍ଦ ଦୋରା, ସାକା, ଗଞ୍ଜାମ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସାକା. ସୁଜିତ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା କୁରେଶୁ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଫାଇନାଲ ମ୍ୟାଚରେ ବ୍ରହ୍ମପୁରର ପାୱାର ସିକ୍ସ ଭଲିବଲ ଟିମକୁ ହରାଇ ଗଜପତି ଜିଲା ମୋହନା ଗ୍ରାମ ଭଲିବଲ ଟିମ୍ ଚାମ୍ପିୟନ ହୋଇଥିଲା । କ୍ରୀଡ଼ା ଶିକ୍ଷକ ଏମ.ଗୌରାଙ୍ଗ ମ୍ୟାଚ ରେଫରି ଥିଲେ। ଅତିଥିବୃନ୍ଦ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ପୁରସ୍କାର ବିତରଣ କରିଥିଲେ । ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ଅର୍ଜୁ ଗୋବିନ୍ଦ, କାର୍ଯ୍ୟକର୍ତ୍ତା ଶିବ ଶଙ୍କର ମହାଲ୍କୁଡ଼, ପଦ୍ମ ଚରଣ ନନ୍ଦ, ଏମ. ତ୍ରିନାଥ, ପ୍ରଭାକର ରେଡ୍ଡୀ, ବାରିକ ବେହେରା, ଗୋପାଳ ପଣ୍ଡା, ନରେନ୍ଦ୍ର ସାହୁ, ହୃଷୀକେଶ ନନ୍ଦ, ସନ୍ତୋଷ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

### ମା' ଡୁମାଣୀ ଭଲିବଲ ଟୁର୍ନାମେଣ୍ଟ: ଅଡ଼ବା ଫାଇନାଲରେ

**ଭଞ୍ଜନଗର,୩୧।୧୨(ଡି.ଏନ.ଏ.)**

ଭଞ୍ଜନଗର ନିକଟସ୍ଥ ନୂଆଗାଁରେ ଚାଲିଥିବା ମା' ଡୁମାଣୀ ଭଲିବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସୋମବାର ଅଡ଼ବା ଓ ଆୟୋଜକ ମା ଡୁମାଣୀ ଭଲିବଲ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ଅଡ଼ବା ୩-୧ ସେଟ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଜେଶ ନାୟକ, ରତ୍ନାକର ନାୟକ, ଅନୁ ପରିଡ଼ା, ଶରତ ନାୟକ, ମାନସ ନାୟକ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ । ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଙ୍ଗଠକ ପ୍ରମୋଦ ପଟ୍ଟନାୟକ, ବାବୁ ରାଓ, ମନୋଜ ପ୍ରଧାନ, ରାଜେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୧/୨୦୧୯ Berhampur, Tuesday, January 1/ 2019

# କନ୍ଧମାଳରେ ତୁଷାରପାତ ଜାରି

ଫୁଲବାଣୀ ଅଫିସ/ଦାରିଙ୍ଗବାଡ଼ି/ଜି.ଉଦୟଗିରି,୩୧।୧୨(ଡି.ଏନ.ଏ)

ପ୍ରବଳ ଥଣ୍ଡା କନ୍ଧମାଳ ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କଲାଣି। ରବିବାର ରାତିରେ ଫୁଲବାଣୀରେ ପାରଦ ଖସି ୩ ଡିଗ୍ରୀ ରହିଥିବା ବେଳେ ଏବଂ ଦାରିଙ୍ଗବାଡିରେ ୨.୮ ଡିଗ୍ରୀ ରହିଥିଲା । ଅନ୍ୟପକ୍ଷରେ ରବିବାର ଭଳି ସୋମବାର ସକାଳେ ମଧ୍ୟ ଜିଲାର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିଲା। ଏପରିକି ଫୁଲବାଣୀ, ଫିରିଙ୍ଗିଆ ଓ ଜି. ଉଦୟଗିରିରେ ବରଫ ଆସ୍ତରଣ ପଡିଥିବା ମଧ୍ୟ ଦେଖାଦେଇଥିଲା। ଫୁଲବାଣୀ ବସ୍‌ଷ୍ଟାଣ୍ଡରେ ଥିବା ଗାଡି ଉପରେ ବରଫ ଆସ୍ତରଣ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା । ଜି. ଉଦୟଗିରି ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିକଟ ପଡ଼ିଆ, ମହାଗୁନା ସାହି, ଫିରିଙ୍ଗିଆ ବ୍ଲକର ମାଣ୍ଡ୍ରିପଡା, କେଲାପଡାର କେତେକ ସ୍ଥାନରେ ବରଫ ଆସ୍ତରଣ ଦେଖାଯାଇଥିଲା।

ଓଡିଶାର କଶ୍ମୀର କୁହାଯାଇଥିବା ଦାରିଙ୍ଗବାଡିରେ ତୁଷାରପାତର ମଜା ନେବାପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ସୋମବାର ଭୋରରେ ଆସି ପହଞ୍ଚିଥିଲେ। ସମ୍ବଲପୁର ଅଞ୍ଚଳରୁ ଆସିଥିବା ସୁମିତ୍ରା ମିତ୍ର କହିଛନ୍ତି ଯେ, ଏଠାକୁ ଆସିବା ପରେ ଆଉ କଶ୍ମୀର ଯିବା ଆବଶ୍ୟକ ନାହିଁ ।


ଫୁଲବାଣୀରେ ଗାଡି କାଚ ଉପରେ ବରଫ ଆସ୍ତରଣ ।

- ଦାରିଙ୍ଗବାଡ଼ିରେ ତାପମାତ୍ରା ୨.୮ ଡିଗ୍ରୀ
- ଜମୁଛି ପର୍ଯ୍ୟଟକଙ୍କ ଭିଡ଼
- ଅସ୍ତବ୍ୟସ୍ତ ହେଲେଣି ଜିଲାବାସୀ

ଟିଟିଲାଗଡ଼ର ସୁଜାତା ରାୟ କହିଛନ୍ତି, ଶୀତ କ'ଣ ଦାରିଙ୍ଗବାଡ଼ି ଆସି ଆମେ ଜାଣିପାରିଲୁ। ସେହିପରି କେନ୍ଦୁଝର ଜିଲାରୁ ଆସିଥିବା ପ୍ରୟାସ କୁମାର ପ୍ରଧାନ, ଆଶିଷ ପଟ୍ଟନାୟକ, ସନ୍ତୋଷ ଦିକ୍ଷୀତ, ଅବକାଶ ଜେନା ଏବଂ ଅନିରୁଦ୍ଧ ଜେନା ଦାରିଙ୍ଗବାଡି ଆସି ବହୁତ ଖୁସି ଲାଗିଲା ବୋଲି କହିଛନ୍ତି। ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ିର ବିଦ୍ୟୁତ କାର୍ଯ୍ୟାଳୟ, କିଲାବାଡ଼ି, କଫିବଗିଚା, ଦାସିକେତା, ହାଇସ୍କୁଲ ନିକଟରେ ତୁଷାରପାତ ଦେଖିବା ସହ ସେଲଫି ନେଇଥିଲେ । ଅନ୍ୟପକ୍ଷରେ ଧନୀ ହେଉକି ଗରିବ ହାଡ଼ଥରା ଶୀତ ସମସ୍ତଙ୍କୁ କଷ୍ଟ ଦେଇଛି ବୋଲି ସ୍ଥାନୀୟ ବାସିନ୍ଦା ବସନ୍ତ ପାଢ଼ୀ, ଶିକ୍ଷକ ବିଦେଶୀ ନାୟକ ପ୍ରମୁଖ କହିଛନ୍ତି। ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି, ଦାରିଙ୍ଗବାଡିକୁ ଦୈନିକ ବହୁ ପର୍ଯ୍ୟଟକ ଆସୁଛନ୍ତି। ସରକାରଙ୍କ ପକ୍ଷରୁ ବଣଭୋଜି ଓ ରାତ୍ରୀଯାପନ ନିମନ୍ତେ ବ୍ୟାପକ ସୁବିଧା କରାଗଲେ ଆହୁରି ପର୍ଯ୍ୟଟକ ଆସିପାରନ୍ତେ ବୋଲି କହିଛନ୍ତି। ସେହିପରି ଜି.ଉଦୟଗିରି ଠାରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରହିଛି ବୋଲି ଜି.ଉଦୟଗିରି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଅକ୍ଷୟ ସେଠୀ କହିଛନ୍ତି। ରାତି ତାପମାତ୍ରା କମୁଥିବା ଯୋଗୁଁ ଧାନ ତଳି ଉପରେ ଶୁଖିଲା ଖତ ଗୁଣ୍ଡ ପକାଇ ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି । କଳିଙ୍ଗ ଘାଟି, କଳିଙ୍ଗା ବନ ଉଦ୍ୟାନ, ସିରିକି କଫି ଓ ଗୋଲ ମରିଚ ବଗିଚା ଦେଖିବା ପାଇଁ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗି ରହିଛି ।

# ଘୋଡ଼ାପଲାଣରେ ଝାଡ଼ାବାନ୍ତି: ୨୧ ଆକ୍ରାନ୍ତ


ଝାଡ଼ାବାନ୍ତି ରୋଗୀମାନେ ଚିକିତ୍ସିତ ହେଉଛନ୍ତି।

ପୋଲସରା,୩୧।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଘୋଡ଼ାପଲାଣ ଗ୍ରାମରେ ସୋମବାର ବାସି ଭୋଜି ଖାଇ ଝାଡ଼ାବାନ୍ତିରେ ୨୧ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତମାନଙ୍କ ମଧ୍ୟରେ ୫ଜଣ ଶିଶୁ ଅଛନ୍ତି। ଆକ୍ରାନ୍ତମାନେ ହେଲେ ବିପିନ ନାୟକ (୪୫), ଜୋଛନା ନାୟକ (୧୪), କିର୍ତ୍ତନ ସାହୁ (୭୦), କାର୍ତ୍ତିକ ନାୟକ (୫୨), ଝିଲି ନାୟକ (୩୩), ରୁଦ୍ର ନାୟକ (୭), ସୁଲୋଚନା ନାୟକ (୩୬), ଦୀପ୍ତି ନାୟକ (୯), ରୋଜି ନାୟକ (୧୪), ଲଡ୍ଡୁ କିଶୋର ନାୟକ (୧୭), ଟୁକୁନା ନାୟକ (୩୫), ଭାସ୍କର ନାୟକ (୬୫), ସୁଗମା ନାୟକ (୭), ଦୀପକ ନାୟକ (୩), ମାମୀ ନାୟକ (୫୦), ସୁଷାନ୍ତ ପ୍ରଧାନ, ରୋଷନି ବଢ଼େଇ, ଜାଜ୍ଞସେନୀ ବଢ଼େଇ, ଭାଗ୍ୟଲତା ବେହେରା, କାଜଲ ମହାନ୍ତି (୬), ରଘୁ ବଢ଼େଇ। କାହାରି ଅବସ୍ଥା ଗୁରୁତର ନଥିବା ଡାକ୍ତର କହିଛନ୍ତି। ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ସରପଞ୍ଚ ପ୍ରତିନିଧି ଧ୍ରୁବ ସମେତ ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ତୁମ୍ବା ଉନ୍ନୟନ ସଂସ୍ଥା ଆଗରେ ଆଦିବାସୀଙ୍କ ବିକ୍ଷୋଭ


ଧାରଣାରେ ବସିଥିବା ଲୋକେ ।

ପାତ୍ରପୁର,୩୧।୧୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକର ଆଦିବାସୀଙ୍କ ପାଇଁ ଗଢି ଉଠିଥିବା ତୁମ୍ବା ଉନ୍ନୟନ ସଂସ୍ଥାରେ ବିଭିନ୍ନ ଦୁର୍ନୀତି ହୋଇଥିବା ନେଇ ସୋମବାର ସଂସ୍ଥା ଆଗରେ ଆଦିବାସୀମାନେ ଧାରଣାରେ ବସିଥିଲେ । ପ୍ରଥମେ ତୁମ୍ବା ଗ୍ରାମରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରୁ ପଥପ୍ରାନ୍ତ ସଭାଯାତ୍ରା କରି ଦୁର୍ନୀତି ବିରୋଧୀ ନାରା ଦେଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଟିଡ଼ିଏ ଦ୍ୱାରା ହେଉଥିବା ବିଭିନ୍ନ କାମରେ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଏଥିରେ ବିଜେପି ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା, ପୂର୍ବତନ ସରପଞ୍ଚ ଧନୁ ଶବର, ନାରୀ ନେତ୍ରୀ ଓ.ନାଗମା, ସଞ୍ଜୟ ମହାନ୍ତି, ତ୍ରିନାଥ ମିଶ୍ରଙ୍କ ସମେତ ବହୁ ଆଦିବାସୀ ଯୋଗ ଦେଇଥିଲେ । ପୂର୍ବରୁ ଦୁର୍ନୀତିର ତଦନ୍ତ ନେଇ ବିଭିନ୍ନ ବିଭାଗକୁ ଅଭିଯୋଗ ପତ୍ର ପ୍ରଦାନ କରିବା ସହ କାମଗୁଡ଼ିକୁ ସାର୍ବଜନୀନ କରିବା ପାଇଁ ଦାବି କରିଥିଲେ ।

# ୨ ଘାଟିରେ ଦୁର୍ଘଟଣା: ୨୮ ଆହତ

ଗୁମ୍ମା/ରାୟଗଡ, ୩୧।୧୨(ଡି.ଏନ.ଏ.)

ଗଜପତି ଜିଲାର ୨ଟି ଘାଟି ରାସ୍ତାରେ ସୋମବାର ଦୁର୍ଘଟଣା ଘଟିଛି। ଏଥିରେ ୨୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗୁମ୍ମା ବ୍ଲକ ଏସ୍. ବାରାଙ୍ଗସିଂ ଗ୍ରାମ ଚର୍ଚ୍ଚର ପାଷ୍ଟରଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକ ଭ୍ୟାନ (ନଂ. ଓଆର୍ ୨୦-୬୯୧୮) ଯୋଗେ ତାଙ୍କ ଗ୍ରାମ ଦାନ୍ତଡାକୁ ଯାଇଥିଲେ। ସେଠାରେ ଭୋଜି ଖାଇସାରି ଅପରାହ୍ନରେ ନିଜ ଗ୍ରାମକୁ ଫେରୁଥିବା ବେଳେ କିତୁମ୍ବା ଘାଟି ରାସ୍ତାରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଆହତମାନଙ୍କୁ ଉଦ୍ଧାର କରାଯାଇ ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ଗୁରୁତର ୬ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାସ୍ଥଳରେ ଗୁମ୍ମା ଫାଣ୍ଡି ଅଧିକାରୀ ଆର୍ତ୍ତତ୍ରାଣ ନାୟକ ପହଞ୍ଚି ଗାଡ଼ି ଜବତ କରିବା ସହ କେସ୍ ନଂ. ୬୧/୧୮ ରୁଜୁ କରିଛନ୍ତି। ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରୁ ୮ଜଣ ବ୍ୟକ୍ତି ଏକ ବୋଲେରୋ (ନଂ. ଓଡି ୩୨ଡି ୧୬୬୬) ଯୋଗେ ରାୟଗଡ ବ୍ଲକର ପର୍ଯ୍ୟଟନସ୍ଥଳ 'ଗଣ୍ଡାହାତୀ' ଜଳପ୍ରପାତକୁ ପିକ୍‌ନିକ୍ ପାଇଁ ଯାଇଥିଲେ। ସେଠାରୁ ଅପରାହ୍ନରେ ଫେରୁଥିବାବେଳେ ତିତିସିଂ ଗ୍ରାମ ନିକଟ ମାର୍ଲବା ଘାଟି ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ପ୍ରାୟ ୫୦ ଫୁଟ ତଳକୁ ଖସିପଡ଼ିଥିଲା। ଏଥିରେ ପ୍ରଭାସିନୀ ସାହୁ, ସନ୍ୟାସୀ ବିଶୋଇ ଓ ପ୍ରତିମା ବିଶୋଇ ଗୁରୁତର ଆହତ ହୋଇଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ଖଜୁରିପଦା ଫାଣ୍ଡି ଅଧିକାରୀ ଶିବ ନାରାୟଣ ପୁରୋହିତ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ କେସ୍ ରୁଜୁ କରିଛନ୍ତି।


ଘାଟି ତଳକୁ ଖସିପଡ଼ିଥିବା ବୋଲେରୋ।

# ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ, ଚାଳକ ଗୁରୁତର

ହିଞ୍ଜିଳିକାଟୁ, ୩୧।୧୨(ଡି.ଏନ୍.ଏ) :

ହିଞ୍ଜିଳି ଥାନା ରଙ୍ଗୁଣିପଲ୍ଲୀ ଗ୍ରାମରେ ରବିବାର ରାତିରେ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଇପିଲି ରଷିଆ। ଗୋଳନ୍ଥରା ଥାନା ମାଝିଗାଁର ଗୁରୁତର ସଚିନ୍ଦ୍ର ଦାସଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଦିଆଯାଇଛି। ପ୍ରକାଶ ଯେ, ରବିବାର ରାତି ପ୍ରାୟ ୧୧ରେ ରଙ୍ଗୁଣିପଲ୍ଲୀ ଗ୍ରାମର ଇପିଲି ରଷିଆ ନିଦରୁ ଉଠି ଶୌଚ ପାଇଁ ଯାଉଥିବା ବେଳେ ସଚିନ୍ଦ୍ରଙ୍କ ବାଇକ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ରଷିଆଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ରଷିଆଙ୍କ ମୃତଦେହ ଜବତ କରି ସୋମବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ନଂ. ୩୪୮/୧୮ରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

## ■ ଯୁବକଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

ବୁଗୁଡ଼ା,୩୧।୧୨(ଡି.ଏନ.ଏ.)

ବୁଗୁଡ଼ା ଥାନା ଗୋଲିଆ ଗ୍ରାମ ବଡ଼ସାହି କୋଠଘରେ ଶନିବାର ରାତି ପ୍ରାୟ ୯ଟାରେ ମୀନକେତନ ସାମଲଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ବୁଗୁଡ଼ା ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗୋଲିଆ ଗ୍ରାମର ରାମଚନ୍ଦ୍ର ଦଳାଇ। ତାଙ୍କ ନିକଟରୁ ଖଣ୍ଡା ଜବତ କରାଯାଇଛି। ମୀନକେତନ ୧୦ ହଜାର ଟଙ୍କା ନ ଦେବାରୁ ହତ୍ୟା କରିଥିବା ରାମ ସ୍ୱୀକାର କରିଛନ୍ତି। ବୁଗୁଡ଼ା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହତ୍ୟା ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ଏସଆଇ ପ୍ରକାଶ କୁମାର ସାହୁ ଓ ଏସଆଇ କାର୍ତ୍ତିକ ନାୟକ ଏହି ସୂଚନା ଦେଇଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ମୀନକେତନ ଜଣେ ଠିକା ଶ୍ରମିକ ଭାବେ ବମ୍ବେର ଏକ କମ୍ପାନୀକୁ ଶ୍ରମିକ ପଠାଇ ଆସୁଥିଲେ। ୧୦ ବର୍ଷ ତଳେ ରାମଙ୍କ ଭିଣୋଇ ଲକ୍ଷ୍ମଣ ପ୍ରଧାନ ମଧ୍ୟ ବମ୍ବେରେ ଶ୍ରମିକ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ସେଠାରେ ସେ ସମୟରେ ଲକ୍ଷ୍ମଣଙ୍କର କୌଣସି କାରଣରୁ ରକ୍ତବାନ୍ତି ହୋଇ ମୃତ୍ୟୁ ଘଟିଥିଲା । ରାମଙ୍କୁ ଓ ତାଙ୍କ ଭିଣୋଇଙ୍କ ପରିବାରକୁ ଏ ସମ୍ପର୍କରେ ନ ଜଣାଇ ମୀନକେତନ ବମ୍ବେରେ ଲକ୍ଷ୍ମଣଙ୍କ ମୃତଦେହକୁ ସତ୍କାର କରିଥିଲେ। ରାମ ଏହା ଜାଣିବା ପରେ ପାଟିତୁଣ୍ଡ କରିବାରୁ ମୀନକେତନ ମୃତ ଭିଣୋଇଙ୍କ ପରିବାରକୁ ୧୦ ହଜାର ଟଙ୍କା ଦେବେ ବୋଲି କହିଥିଲେ। ରାମ ବାରମ୍ବାର ଏହି ଟଙ୍କା ମୀନକେତନଙ୍କୁ ମାଗିଥିଲେ ମଧ୍ୟ ସେ ଦେଉ ନ ଥିଲେ । ତେଣୁ ହତ୍ୟାକାଣ୍ଡର ୪ ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଟଙ୍କା ଦେବିନି ବୋଲି ମୀନକେତନ ରାମଙ୍କୁ ରାଗରେ କହିଥିଲେ । ଭିଣୋଇ ମୃତ୍ୟୁର ପ୍ରତିଶୋଧ ନେବାକୁ ରାମ ସୁଯୋଗ ଖୋଜୁଥିଲେ। ଶନିବାର ରାତି ପ୍ରାୟ ୯ଟାରେ ମୀନକେତନ ନାମ କୋଠଘରକୁ ଯାଇ ପୂଜା କରୁଥିବା ବେଳେ ରାମଚନ୍ଦ୍ର ଖଣ୍ଡାରେ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ରାମ ଶନିବାର ରାତିସାରା ଏକ ବିଲରେ ଲୁଚିଥିଲେ। ରବିବାର ସକାଳୁ ବସରେ ତାଙ୍କ ଶ୍ୱଶୁର ଘର କୋଦଳା ଥାନା ଜେ. ଛଟିନାକୁ ପଳାଇଥିଲେ। ଖବରପାଇ ବୁଗୁଡ଼ା ପୋଲିସ ସୋମବାର ସକାଳେ ସେଠାରୁ ତାଙ୍କୁ ଗିରଫ କରିଛି । ମୃତ ମୀନକେତନଙ୍କ ପୁଅ ବିକାଶ ସାମଲଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ଥାନାରେ ନଂ.୩୧୩/୧୮ରେ ହତ୍ୟା ମାମଲା ରୁଜୁ ହୋଇଥିଲା।


ଗିରଫ ଅଭିଯୁକ୍ତ ଓ ଜବତ ଖଣ୍ଡା।

## ସଂକ୍ଷେପରେ

### ବିଷକ୍ରିୟାରୁ ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୩୧।୧୨(ଡ଼ି.ଏନ୍.ଏ): ହିଞ୍ଜିଳି ଥାନା ସିକିରି ଗ୍ରାମର ଜଣେ ଯୁବକଙ୍କର ବିଷକ୍ରିୟାରେ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ସଞ୍ଜୟ ବରଡ଼ଙ୍କ(୩୮)। ସକାଳେ ସଞ୍ଜୟ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ପ୍ରଥମେ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ବଡ ମେଡ଼ିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବିଷକ୍ରିୟାର କାରଣ ଜଣାପଡ଼ିନାହିଁ ।

### ଚିକିଲି ଗାଁରେ ବିଶୃଙ୍ଖଳା: ଏସ୍‌ପିଙ୍କୁ ଭେଟିଲା ମହିଳା ସଂଘ

ଛତ୍ରପୁର,୩୧।୧୨(ଡି.ଏନ.ଏ)- ଖଲ୍ଲିକୋଟ ବ୍ଲକ ଚିକିଲି ଗାଁରେ କେତେଜଣ ବିଶୃଙ୍ଖଳାକାରୀ ବିଭିନ୍ନ ଅରାଜକତା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋମବାର ଗ୍ରାମର କେତେକ ସ୍ୱଂୟ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଛତ୍ରପୁର ଆସି ଗଞ୍ଜାମ ଏସପିଙ୍କୁ ଭେଟି ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଖଲ୍ଲିକୋଟ ଥାନାରେ ଜଣାଇଥିଲେ ମଧ୍ୟ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ମହିଳାମାନେ କହିଛନ୍ତି। ଗାଁର ଏକ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର ଅତି ନିକଟରେ ମଦ ଦୋକାନ ରହିଛି । ତାହାକୁ ବିରୋଧ କଲେ ଆକ୍ରମଣ କରାଯାଉଛି। ଏପରିକି ଗାଁରେ ଜନ୍ତାଳ ଯାତ୍ରା କରିବାକୁ ଗ୍ରାମବାସୀମାନେ ଭୟ କରୁଛନ୍ତି ବୋଲି ସେମାନେ ଏସପିଙ୍କୁ କହିଥିଲେ । ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ଏସପି ବ୍ରିଜେଶ କୁମାର ରଏ କହିଥିବା ମହିଳାମାନେ ସୂଚନା ଦେଇଛନ୍ତି।

### ଘରପୋଡ଼ି ଅଭିଯୋଗ, ଯୁବକ ଗିରଫ

ଫିରିଙ୍ଗିଆ, ୩୧।୧୨- ଘରପୋଡି ଅଭିଯୋଗରେ ଗୋଚ୍ଛାପଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ସେ ହେଲେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତ ସଲାଗୁଡ଼ି ଗ୍ରାମର ନକୁଳ କହଁର । ଜମିଜମା ବିବାଦକୁ ନେଇ ନକୁଳ ନିଜ ଦାଦା ନବୀନ କହଁରଙ୍କ ଘର ପୋଡିଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗୋଚ୍ଛାପଡା ଥାନାରେ ନଂ.୫୫/୧୮ରେ ମାମଲା ରୁଜୁ ହୋଇଥିଲା। ସୂଚନାଯୋଗ୍ୟ, ଅଗଷ୍ଟ ୧୧ ତାରିଖରେ ରାତିରେ ଗୋଚ୍ଛାପଡା ଥାନା ସୁଲି ଗ୍ରାମସ୍ଥିତ ନବୀନଙ୍କ ଘରେ ନକୁଳ ନିଆଁ ଲଗାଇଥିବା ଅଭିଯୋଗ ହୋଇଥିଲା। ସେବେଠାରୁ ନକୁଳ ଫେରାର ଥିଲେ ।

### ଗୁଣ୍ଡିରିବାଡ଼ିରେ ହାତୀ ଆତଙ୍କ ଆଖୁ, ଧାନ ଫସଲ ନଷ୍ଟ, ଚାଷୀଙ୍କ ଚିନ୍ତା ବଢୁଛି

ଭଞ୍ଜନଗର,୩୧।୧୨(ଡି.ଏନ.ଏ)-ଭଞ୍ଜନଗର ବ୍ଲକ ମୁଜାଗଡ଼ ରେଞ୍ଜ ଗୁଣ୍ଡିରିବାଡ଼ିରେ ରବିବାର ରାତିରେ ହାତୀପଲ ଆତଙ୍କ ଖେଳାଇଛନ୍ତି। ପଲରେ ଥିବା ପ୍ରାୟ ୨୦ଟି ଛୋଟବଡ଼ ହାତୀ ଧାନ ଓ ଆଖୁ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରିଛନ୍ତି । ଚାଷୀ ଟୁନା ପ୍ରଧାନ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କ ଖଳାରେ ଥିବା ପ୍ରାୟ ୫ ଭରଣ ଜମିର ଅମଳ ଧାନ ଏବଂ ୩ ଭରଣ ଜମିର ଆଖୁ ନଷ୍ଟ ହୋଇଛି। ସେହିପରି ଅନ୍ତରା ମାଳି ଓ ଅନ୍ୟ କେତେଜଣ ଚାଷୀଙ୍କ ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଖବରପାଇ ବନ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ରେଞ୍ଜରେ ଗତ କିଛିଦିନ ହେବ ହାତୀପଲ ଦୌରାତ୍ମ୍ୟ ବଢ଼ିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସନ୍ଧ୍ୟା ହେଲେ ହାତୀ ଜଙ୍ଗଲରୁ ବାହାରି ଖଳାରେ ଥିବା ଫସଲ ନଷ୍ଟ କରୁଛନ୍ତି ।

### ଷଣ୍ଢ ଆକ୍ରମଣରେ ଯୁବକ ଗୁରୁତର

ହିଞ୍ଜିଳିକାଟୁ,୩୧।୧୨ (ଡି.ଏନ୍.ଏ.) : ହିଞ୍ଜିଳି ଥାନା ନରେନ୍ଦ୍ରପୁର ଗ୍ରାମରେ ଷଣ୍ଢ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଦିଲୀପ କୁମାର ଜେନା। ରବିବାର ସନ୍ଧ୍ୟାରେ ବଡସାହିରେ ୨ ଷଣ୍ଢ ଲଢେଇ ଚାଲିଥିଲା। ଦିଲୀପ ଉକ୍ତ ରାସ୍ତା ଦେଇ ଯିବାବେଳେ ଷଣ୍ଢ ଦଳି ଦେଇଥିଲେ। ଆହତ ଅବସ୍ଥାରେ ଦିଲୀପଙ୍କୁ ପରିବାର ଲୋକେ ପ୍ରଥମେ ହିଞ୍ଜିଳିକାଟୁ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଯାଇଛି ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ